## ବିଜେଡିର ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପ୍ରସ୍ତୁତି




ଆଠଗଡ଼,୧୬।୪(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ପାଇଁ ଆଠଗଡ ବିଜେଡି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଏବଂ କାରାଗାରରେ ଅନ୍ତେବାସୀଙ୍କୁ ଫଳମୂଳ ବଣ୍ଟନ, ଧବଳେଶ୍ୱର ମନ୍ଦିର ନିକଟସ୍ଥ ମଞ୍ଜେଶ୍ୱର ଘାଟ ରେ ସାମୂହିକ ତିଳତର୍ପଣ ଓ ସ୍ମୃତିସଭା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ସମୟରେମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମଠାରେ ଏକ ସାଧାରଣ ସଭା ହେବ ବୋଲି ଆଠଗଡ଼ସ୍ଥିତ ସୂର୍ଯ୍ୟଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତ, ଏନ୍ଏସି ସଭାପତି ଶିଶିର ପ୍ରସାଦ ମାନସିଂହ, ଛାତ୍ର ସଭାପତି ମହମ୍ମଦ ଖାଲିଦ, ଜିଲ୍ଲା ଉପସଭାପତି ନୃସିଂହ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଦିପ୍ତ ଦାସ, ତିଗିରିଆ ବ୍ଲକ ଛାତ୍ର ବିଜେଡି ସଭାପତି ତୋଫାନ ସାମଲ, ଯୁବନେତା ସୁନୀଲ ପରିଡ଼ା ଯୋଗଦେଇ ସୂଚନା ଦେଇଛନ୍ତି।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଳ ବିତରଣ କେନ୍ଦ୍ର

କଟକ,୧୬।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍ପିଟାଲ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜଳ ବିତରଣ କେନ୍ଦ୍ର ଟାଙ୍ଗୀ ବସଷ୍ଟାଣ୍ଡ ଠାରେ ଶୁଭାରମ୍ଭ ହୋଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରିବା ସହ ପଥଚାରୀଙ୍କୁ ବିଷୁବ ପଣା ବିତରଣ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପ୍ରଶାନ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ସୁବ୍ରତ ରଥ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ପ୍ରାଧ୍ୟାପିକା ଜୟଶ୍ରୀ ନନ୍ଦ, ରଞ୍ଜିତ ସାହୁ, ବଳରାମ ପତି, ସାରଦା ପଣ୍ଡା, ସୁମନ୍ତ ନାୟକ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଏବଂ ବିଭିନ୍ନ ବିଭାଗର ପଦାଧିକାରୀ, ଏମ୍‌ବିବିଏସ୍ ସମେତ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଜଳ ବିତରଣ କାର୍ଯ୍ୟକ୍ରମ ଦୁଇ ମାସ ଧରି ଚାଲିବ ବୋଲି ବିଶ୍ୱବିଦ୍ୟାଳୟ ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ଫ୍ରିଡମ୍ ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀଙ୍କ ଶତ ପ୍ରତିଶତ ସଫଳତା



ସାଲେପୁର,୧୬।୪(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ସିବିଏସ୍‌ଇର ଦଶମ ବୋର୍ଡ ପରୀକ୍ଷାରେ ସାଲେପୁର ବ୍ଲକ୍‌ର ନାଦୋଳଗଡ଼ାସ୍ଥିତ ଫ୍ରିଡମ୍ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ମୋଟ୍ ୭୭ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରଛାତ୍ରୀ ଭଲ ନମ୍ବର ରଖି ପାସ୍ ହୋଇଛନ୍ତି। ୨୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାବେଳେ ୪୪ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲର ଛାତ୍ରୀ ପୂର୍ଣ୍ଣିମା ସାହୁ ୯୯ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେହିପରି ଶୁଭମ୍ ବେଜ୍ ୯୬ ପ୍ରତିଶତ ଏବଂ ସାଇଦା ଆଦିଲା ମମିନ୍ ୯୪ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳାତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ସେକ୍ ଜାହାଙ୍ଗୀର ଅଲ୍ଲି, ପ୍ରତିଷ୍ଠାତା ସଦସ୍ୟ ସେକ୍ ଅଜଗର ଅଲ୍ଲି, ଅଧ୍ୟକ୍ଷ ସୁଦାମ ଚରଣ ଶତପଥି, ତପନ ରାଉତ, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା, ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଇଚ୍ଛାବଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଚାୟାଁପାଳ ଚାମ୍ପିଅନ



ମାହାଙ୍ଗା,୧୬।୪(ସମିସ): ଖର୍ତ୍ତାଙ୍ଗଠାରେ ଇଚ୍ଛାବଟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦିବାରାତ୍ର ଇଚ୍ଛାବଟ ପ୍ରିମିୟର ଲିଗ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟି ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଚାୟାଁପାଳ କ୍ରିକେଟ ଟିମ ଓ ଅଡମ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାୟାଁପାଳ କ୍ରିକେଟ ଟିମ ଚାମ୍ପିଅନ ହୋଇଥିଲା। ପୂର୍ବତନ ଆୟକର କମିଶନର ଶୋଭନ କର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଡା. ଶିବନାରାୟଣ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ପ୍ରମୋଦ ବେହେରା, ଅଭିଜିତ ପୁହାଣ ପ୍ରମୁଖ ଯୋଗ ଦେଇଥିଲେ। ସମରେଶ ପରିଡ଼ା, ଅନୀଲ ଦାସ, ପ୍ରମୋଦ ବାରିକ, ପ୍ରକାଶ ବାରିକ ସହଯୋଗ କରିଥିଲେ।

**ମାହାଙ୍ଗାରେ ବିଚିତ୍ର ବିକାଶ**

# ଗୋଟିଏ ରାସ୍ତା, ଦୁଇଟି ସୂଚନା ଫଳକ




### ରାତିଅଧିଆ ପଡ଼ିଲା ରାସ୍ତା ଢଳେଇ

### ସାଂସଦ ଓ ବିଧାୟକଙ୍କ ଅନୁଦାନର ଶ୍ରେୟ ଲଢ଼େଇ

ଭଦ୍ରେଶ୍ୱର,୧୬।୪(ସମିସ):

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ପ୍ରଶାସନର ଏକ ହାସ୍ୟାସ୍ପଦ ତଥା ବିଚିତ୍ର ନୀତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗୋପାଳପୁର ଗ୍ରାମପଞ୍ଚାୟତର ୬ ନମ୍ବର ୱାର୍ଡରେ ଗୋଟିଏ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଦୁଇ ଦୁଇଟି କାର୍ଯ୍ୟାଦେଶ ଜାରି ହେବା ଏବଂ ଏହାକୁ ନେଇ ରାତିଅଧିଆ ରାସ୍ତା ନିର୍ମାଣ ହେବା ଘଟଣା ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ ବୋଲି କୁହାଯାଉଛି। ଗୋଟିଏ ପ୍ରକଳ୍ପ ପାଇଁ କେନ୍ଦ୍ରାପଡ଼ା ସାଂସଦ ଏବଂ ମାହାଙ୍ଗା ବିଧାୟକଙ୍କ ପକ୍ଷରୁ ପୃଥକ ପୃଥକ ଅନୁଦାନ ମଞ୍ଜୁର ହେବା ପରେ ଏବେ ଉଭୟଙ୍କ ସମର୍ଥକଙ୍କ ମଧ୍ୟରେ "ତୁ ତୁ ମେଁ ମେଁ" ପରିସ୍ଥିତି ସୃଷ୍ଟି ହୋଇଛି।

ଅଭିଯୋଗ ଅନୁସାରେ, ଗୋପାଳପୁର ଗ୍ରାମର ଖଗେଶ୍ୱର ଦାସଙ୍କ ଘରଠାରୁ ହରେକୃଷ୍ଣ ଦାସଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ପାଇଁ "ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ୩,୯୯,୭୮୩ ଟଙ୍କା ଏବଂ ଅନୁରୂପ ଭାବେ ଅନ୍ୟ ଏକ ପାଣ୍ଠିରୁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟସ୍ଥଳରେ ପ୍ରଥମେ ସାଂସଦଙ୍କ ଅନୁଗତମାନେ ସୂଚନା ଫଳକ ମାରିବା ସହ ସାମଗ୍ରୀ ଠୁଳ କରିଥିଲେ। ମାତ୍ର ଏହାକୁ ବିରୋଧ କରି ବିଧାୟକଙ୍କ ସମର୍ଥକମାନେ ନିଜସ୍ୱ ଫଳକ ମାରିବା ସହ ସାଂସଦଙ୍କ ଗୋଷ୍ଠୀକୁ ଚକମା ଦେଇ ରାତିଅଧିଆ ଜୋରଜବରଦସ୍ତ ରାସ୍ତା ଢଳେଇ କରି ଦେଇଛନ୍ତି। ଗୋଟିଏ ରାସ୍ତାରେ ଦୁଇଟି ସୂଚନାଫଳକ ଏବେ ପ୍ରଶାସନର ମୂର୍ଖାମୀକୁ ପଦାରେ ପକାଇଛି। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଏବଂ ଅନ୍ଧାର ରାତିରେ କାର୍ଯ୍ୟ ହୋଇଥିବାରୁ ଏହାର ମାନକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ବାଲି, ସିମେଣ୍ଟ ଓ ଗୋଡ଼ି ବ୍ୟବହାର କରାଯାଇଥିବା ବେଳେ ଏହା ଅଟକଳ ଅନୁଯାୟୀ ହୋଇ ନ ଥିବା ଅଭିଯୋଗ ହେଉଛି। ରାଜନୈତିକ ଶ୍ରେୟ ନେବା ଚକ୍କରରେ ସରକାରୀ ଅର୍ଥର ଦୁରୁପଯୋଗ କରାଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ପ୍ରଶାସନ ଏବଂ ବ୍ଲକ କର୍ତ୍ତୃପକ୍ଷ କିଭଳି ଗୋଟିଏ ପ୍ରକଳ୍ପ ପାଇଁ ଦୁଇଟି କାର୍ଯ୍ୟାଦେଶ ଜାରି କଲେ, ସେ ନେଇ ପ୍ରଶ୍ନ ଉଠିଛି। ଏହି ଚଞ୍ଚକତା ପଛରେ କେଉଁ କର୍ମଚାରୀଙ୍କ ହାତ ରହିଛି ଏବଂ କେଉଁ ପରିସ୍ଥିତିରେ ରାତିଅଧିଆ କାମ କରାଗଲା, ସେ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି। ଯଥାଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଏହା ଆଗାମୀ ଦିନରେ ଏକ ବଡ଼ ରାଜନୈତିକ ବିବାଦର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି।

**■ ବିଦ୍ୟୁତ ସଂଯୋଗ ପାଇଁ ଗୁହାରି**

## ନ୍ୟାୟ ନ ମିଳିଲେ ସପରିବାର ଆତ୍ମଦାହ ଧମକ

ତିଗିରିଆ,୧୬।୪(ସମିସ): ଟଙ୍କା ପୈଠ କରିବାର ଦୀର୍ଘ ଦିନ ପରେ ବି ମିଳୁନି ବିଦ୍ୟୁତ ସଂଯୋଗ। ବିଭାଗୀୟ ଅବହେଳାରୁ ଅତିଷ୍ଠ ହୋଇ ଜଣେ ମହିଳା ନିଜ ପରିବାର ସହ ଆତ୍ମଦାହ କରିବାକୁ ଚେତାବନୀ ଦେଇଛନ୍ତି। ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ହରିଡ଼ାପଶି ଗ୍ରାମର ପ୍ରଭାତୀ ଜେନା ନିଜ ଘରକୁ ବିଦ୍ୟୁତ ସଂଯୋଗ ପାଇଁ ଗତ ଡିସେମ୍ବରରେ ଆଠଗଡ଼ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଏଥିପାଇଁ ସେ ୨୬ ହଜାର ୧୧୫ ଟଙ୍କା ଜମା ମଧ୍ୟ କରିଥିଲେ। ମାତ୍ର ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେ ଗ୍ରାହକ ସେବା ନମ୍ବରକୁ ଫୋନ କରିବାରୁ ଜାଣିବାକୁ ପାଇଥିଲେ ଯେ ତାଙ୍କ ଟଙ୍କା ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଜମା ହୋଇଛି। ଯଦିଓ ପୂର୍ବରୁ କେବଳ କେତୋଟି ଖୁଣ୍ଟ ପୋତାଯାଇ ସଂଯୋଗ ଦିଆଯିବ ବୋଲି କୁହାଯାଇଥିଲା। ବିଭାଗର ଏଭଳି ତ୍ରୁଟିପୂର୍ଣ୍ଣ ପରାମର୍ଶ ଯୋଗୁଁ ସେ ପୁଣି ଥରେ ମାର୍ଚ୍ଚ ୩୦ ତାରିଖରେ ନୂତନ ଆବେଦନ ସହ ଅର୍ଥ ପୈଠ କରିଥିଲେ। ଆବେଦନକୁ ୧୫ ଦିନ ବିତିଯାଇଥିଲେ ମଧ୍ୟ କୌଣସି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିନାହାନ୍ତି। ବର୍ତ୍ତମାନ ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ବିନା ବିଦ୍ୟୁତରେ ରହିବା ଅସହ୍ୟ ହୋଇପଡ଼ିଛି। ଅନ୍ୟପଟେ ସେ ରହୁଥିବା ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଥିବାରୁ ରାତିରେ ଅନ୍ଧାର ଭିତରେ ସ୍ୱାମୀ ଓ ପୁଅଙ୍କ ସହ ଭୟଭୀତ ଅବସ୍ଥାରେ ରହୁଛନ୍ତି ପ୍ରଭାତୀ। ଶେଷରେ ନିରାଶ ହୋଇ ପ୍ରଭାତୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶକ୍ତି ମନ୍ତ୍ରୀ ଓ ଶକ୍ତି ସଚିବଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଯଦି ତୁରନ୍ତ ତାଙ୍କ ଘରକୁ ବିଦ୍ୟୁତ ସଂଯୋଗ ନ ମିଳେ, ତେବେ ସେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଆତ୍ମଦାହ କରିବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ ସହ ପ୍ରଭାତୀଙ୍କୁ ନ୍ୟାୟ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

**■ ମୋରମ୍ ଓ ମାଙ୍କଡ଼ା ପଥର ଚାଲାଣ**

## ଜେସିବି ଓ ୩ ଟ୍ରାକ୍ଟର ସହ ମିନି ଟ୍ରକ୍ ଜବତ

ଟାଙ୍ଗୀ,୧୬।୪(ସମିସ): ଥାନାଞ୍ଚଳରେ ବେଆଇନ୍ ମାଟି, ମୋରମ୍ ଓ ମାଙ୍କଡ଼ା ପଥର କାରବାର ବୃଦ୍ଧି ପାଇଥିବାବେଳେ ବୁଧବାର ରାତିରେ ଟାଙ୍ଗୀ ପୁଲିସ ଗୋବିନ୍ଦପୁର ପଞ୍ଚାୟତର ଏକ ମୋରମ୍ ଖାଦାନରେ ଚଢ଼ଉ କରିଛି। ମୋରମ୍ ବୋଝେଇ ୩ଟି ଟ୍ରାକ୍ଟର ସହ ଏକ ଜେସିବି ମେସିନ୍ ଜବତ କରିଥିବାବେଳେ ଟାଙ୍ଗୀ-ଭଳିମୁଣ୍ଡା ରାସ୍ତାରେ ଆସୁଥିବା ଏକ ମାଙ୍କଡ଼ା ପଥର ବୋଝେଇ ମିନି ଟ୍ରକ ଜବତ କରିଛି। ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମାଙ୍କଡ଼ା ପଥର କଟାଯାଇ ଟାଙ୍ଗୀ-କପିଳାସ ରାସ୍ତାରେ ଚୋରା ଚାଲାଣ କରାଯାଉଥିବା ଜାଣିଥିଲା। ମାଙ୍କଡ଼ା ଓ ମୋରମକୁ ନେଇ ଦୁଇଟି ମାମଲା ରୁଜୁ ହୋଇଛି ଓ ଜେସିବି ଚାଳକ ଗିରଫ ପରେ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ମୁକୁଳିଥିବା ଆଇଆଇସି ବିକାଶ ସେଠୀ ସୂଚନା ଦେଇଛନ୍ତି।



## କନ୍ଦରପୁର ଜାଭିୟର ହାଇସ୍କୁଲର ଶତ ପ୍ରତିଶତ ସଫଳତା



କନ୍ଦରପୁର,୧୬।୪(ସମିସ): କଟକ ସଦର ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟ ନିକଟରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲର ସିବିଏସସି ୧୦ମ ଶ୍ରେଣୀ ପରୀକ୍ଷା ମୋଟ ୨୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରେ ୯୦ ଶତକଡାରୁ ଊର୍ଦ୍ଧ୍ୱ ୩ ଜଣ ,୮୦ ଶତକଡାରୁ ଊର୍ଦ୍ଧ୍ୱ ୯ ଜଣ, ୭୦ ଶତକଡାରୁ ଊର୍ଦ୍ଧ୍ୱ ୪ ଜଣ ଓ ୬୦ ଶତକଡାରୁ ଊର୍ଦ୍ଧ୍ୱ ୩ ଜଣ ପାସ୍ କରିଥିବା ବେଳେ ୪୨ମୌଜା କଳପଡ଼ା ଗ୍ରାମର ସୁଶ୍ରୀ ସୁନୟନା ପରିଡ଼ା ୯୬ ଶତକଡା ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାରୁ ବିଦ୍ୟାଳୟର ନିର୍ଦ୍ଦେଶିକା ବୈଜୟନ୍ତୀ ଜେନା, ସଂପାଦକ ନରେଶ ଜେନା ଓ ପ୍ରିନ୍ସିପାଲ ପ୍ରଫେସର ଖାଲିକୁଜ ଜମାଲ ଖାଁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ତିଗିରିଆରେ ଜନଗଣନା କାର୍ଯ୍ୟ ଆରମ୍ଭ

ତିଗିରିଆ,୧୬।୪(ସମିସ): ତିଗିରିଆ ବ୍ଲକରେ ଗୁରୁବାରଠାରୁ ଜନଗଣନା ଆରମ୍ଭ ହୋଇଛି। ବ୍ଲକ ଜନଗଣନା ଅଧିକାରୀ ତଥା ତିଗିରିଆ ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ସହକାରୀ ଅଧିକାରୀ ଗଙ୍ଗାଧର ନାୟକଙ୍କ ପରିଚାଳନାରେ ଏହି ଜନଗଣନା କାର୍ଯ୍ୟକ୍ରମରେ ୧୨୪ ଜଣ ଜନଗଣନାକାରୀ ଏବଂ ୨୧ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ଥିବା ବେଳେ ଆଜି ଜନଗଣନାକାରୀ ଟିମର କର୍ମକର୍ତ୍ତା ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଗୃହ ଗଣନା କାର୍ଯ୍ୟ ଆରମ୍ଭ କରିଛନ୍ତି। ଜନଗଣନା ସହାୟିକା ଲୁସ୍ନା ପ୍ରଧାନ ଏବଂ ଟେକ୍ନିକାଲ ସହାୟିକା ସୀମା ସ୍ୱାଇଁ ସହଯୋଗ କରୁଛନ୍ତି।

## ରଘୁନାଥଙ୍କ ପୀଠରେ ରାମଲୀଳା ଉଦ୍‌ଯାପିତ



ନରସିଂହପୁର,୧୬।୪(ସମିସ): ନରସିଂହପୁର ବ୍ଲକ ଅଧୀନ ପାଇକପଡାପାଟଣାର ବହୁ ପୁରାତନ ଶ୍ରୀ ରଘୁନାଥଜୀଉଙ୍କ ମଠରେ ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇଥିବା ଶ୍ରୀ ରାମଲୀଳା ଉତ୍ସବ ଗୁରୁବାର ଉଦଯାପିତ ହୋଇଛି। ମନ୍ଦିର ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଶ୍ରୀ ରଘୁନାଥଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାବଣ ବଧ ଗୀତିନାଟ୍ୟ ପରେ ପ୍ରଭୁଙ୍କର ଅଭିଷେକ ଉତ୍ସବ ଆରମ୍ଭ ହୋଇଥିଲା। ପାଇକପଡାପାଟଣା ରାମଲୀଳା ନାଟ୍ୟ ସଂଘ ପକ୍ଷରୁ ସଭାପତି ପ୍ରଫୁଲ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୂଜା ବ୍ୟବସ୍ଥାର ଆୟୋଜନ କରାଯାଇଥିଲା। ପୂଜା ପରେ ମାନସିକଧାରୀଙ୍କୁ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତା ଓ ହନୁମାନଙ୍କ ସମେତ ଅନ୍ୟନ୍ୟ ବେଶରେ ସୁସଜ୍ଜିତ ଅଭିନେତାମାନେ ପ୍ରଭୁଙ୍କ ଆଜ୍ଞାମାଳ ଧାରଣ କରାଇଥିଲେ। ନଗର ପରିକ୍ରମା ବେଳେ ବିଭିନ୍ନ ସାହି ଓ ଗ୍ରାମାଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରଘୁନାଥଜୀଉ ଟ୍ରଷ୍ଟି ଦିଲ୍ଲୀପ ପଟ୍ଟନାୟକ, ବାଦଲ ବେହେରା, ମାର୍କଣ୍ଡେଶ୍ୱର ବେହେରା, ସରୋଜ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ରବିନ୍ଦ୍ର ସାହୁ ସହଯୋଗ କରିଥିଲେ। ଘଟ ବିସର୍ଜନ ପରେ ବ୍ରତଧାରୀମାନେ ବ୍ରତ ଉଦଯାପନ କରି ହବିଷ୍ୟାନ୍ନ ଗ୍ରହଣ କରି ଘରକୁ ଫେରିଥିଲେ।

## ୨୬୫ ଲିଟର ମଦ ଜବତ; ୫ ଗିରଫ

ଚୌଦ୍ୱାର,୧୬।୪(ସମିସ): ଚୌଦ୍ୱାର ଅବକାରୀ ଥାନା ଓ କଟକ ମୋବାଇଲ ସ୍କ୍ୱାଡ ତରଫରୁ ଚୋରା ମହୁଲି ମଦ ଜବତ କରାଯାଇ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଡାଳିଯୋଡା ବ୍ରହ୍ମପୁର ଗ୍ରାମର ବନମାଳି ଭୋଇ, ପଦଗାଁର କାର୍ତ୍ତିକ ରାଉତ ଓ ସନ୍ତୋଷ ଗୋଚ୍ଛାୟତ, ସଫା ଗ୍ରାମର ସନ୍ତୋଷ ପାଣ୍ଡବ ଓ ପ୍ରଦୀପ୍ତ ଦାସ। ସେମାନଙ୍କ ନିକଟରୁ ୨୬୫ ଲିଟର ବେଆଇନ୍ ମହୁଲି ମଦ ଜବତ କରାଯାଇଛି। ଚୌଦ୍ୱାର ଅବକାରୀ ଥାନା ଇନସପେକ୍ଟର ଭକ୍ତବତ୍ସଳ ବର୍ମା, ଅକ୍ଷୟ ଜେନା, ଆଶୁତୋଷ ଜେନା, ଜୟପ୍ରକାଶ ବେହୁରା, ଦେବବ୍ରତ ଓଝା, ଅଜୟ ଜେନା, ରାଜକୃଷ୍ଣ ବିଶ୍ୱାଳ, ମୋନାଲିସା ଦାସ, ଲକ୍ଷ୍ମଣ ବେହେରା ଚଢ଼ଉ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜଳଛତ୍ର

କନ୍ଦରପୁର,୧୬।୪(ସମିସ): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍କାଉଟ ଓ ଗାଇଡ ଶାଖା ପକ୍ଷରୁ ମଙ୍ଗଳବାର ଉତ୍ତରଶାସନ ପଞ୍ଚାୟତ ମଧଶାସନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଜଳଛତ୍ର ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ଭକ୍ତଙ୍କୁ ଥଣ୍ଡା ପାନୀୟଜଳ ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀମାନେ ବଣ୍ଟନ କରିଥିଲେ। ଶ୍ରୀମନ୍ତ ପଣ୍ଡା, ଜିଲ୍ଲା ରୋଭର୍ ଲିଡର, ସ୍କାଉଟ ମାଷ୍ଟର ଶୁଭକାନ୍ତ ସାହୁ ଓ ରଞ୍ଜନ ନନ୍ଦ, ଗାଇଡ କ୍ୟାପଟେନ ଅନସୂୟା ମହନ୍ତ ଓ ନିବେଦିତା ଓଝା, ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା, ନମିତା ପ୍ରଧାନ, ରଜସ୍ମିତା ବିଶ୍ୱାଳ, ଦିଲ୍ଲୀପ ଜେନା, ପ୍ରଭାତ ପ୍ରଧାନ, ଅନ୍ତର୍ଯ୍ୟାମୀ ବେହେରା, ଅନିତା ଶତପଥୀ ସମେତ ସମସ୍ତ ଗୁରୁମା, ଗୁରୁଜୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

**ନିଶ୍ଚିନ୍ତକୋଇଲି ବିଇଓ କାର୍ଯ୍ୟାଳୟରେ ବଦଳି ବିବାଦ**

# ଏକମାତ୍ର ସ୍ଥାୟୀ କିରାଣିଙ୍କୁ ଅଚାନକ ବଦଳି

**ଡେପୁଟେସନ ରାଜନୀତିକୁ ନେଇ ଅସନ୍ତୋଷ**

**ଜିଲ୍ଲା ଶିକ୍ଷାଧିକାରୀଙ୍କ ନିଷ୍ପତ୍ତିକୁ ବିରୋଧ**

ନିଶ୍ଚିନ୍ତକୋଇଲି,୧୬।୪(ସମିସ):

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ (ବିଇଓ) କାର୍ଯ୍ୟାଳୟ ଏବେ ବଦଳି ଓ ଡେପୁଟେସନ ବିବାଦକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କାର୍ଯ୍ୟାଳୟର ଏକମାତ୍ର ସ୍ଥାୟୀ କିରାଣି ଅଭିରାମ ଦାସଙ୍କୁ ଅଚାନକ ସାନ୍ତପୁର ଜୟନ୍ତୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯିବା ନିଷ୍ପତ୍ତିକୁ ନେଇ ଶିକ୍ଷକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ପତ୍ରସଂଖ୍ୟା ୪୪୯୫ (ତା ୧୫.୦୪.୨୦୨୬) ଅନୁସାରେ ହୋଇଥିବା ଏହି ବଦଳି ପଛରେ କେତେକ "ହାତବାରିସି' କର୍ମଚାରୀଙ୍କ ମଧ୍ୟସ୍ଥି ରହିଥିବା ଅଭିଯୋଗ ହେଉଛି। କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ହେବ କିରାଣି ପଦ ଖାଲି ପଡ଼ିଥିବା ବେଳେ ୨୦୨୩ ଜୁନରୁ ନିଯୁକ୍ତି ପାଇଥିବା କନିଷ୍ଠ କିରାଣି ଶ୍ରୀ ଦାସ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସୂଚାରୁ ରୂପେ ତୁଲାଉଥିଲେ। ବିଶେଷ କରି ଶିକ୍ଷକମାନଙ୍କ ଦରମା ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟରେ ସେ ଦକ୍ଷତା ପ୍ରତିପାଦନ କରିଥିଲେ। ତାଙ୍କୁ ଅଚାନକ ବଦଳି କରାଯିବା ପରେ ଏବେ ଶିକ୍ଷକମାନଙ୍କର ବିଭିନ୍ନ ସରକାରୀ କାର୍ଯ୍ୟରେ ବାଧା ଉପୁଜିବ ବୋଲି ଚିନ୍ତା ପ୍ରକଟ ହୋଇଛି। ଅନ୍ୟପଟେ କେନ୍ଦୁପାଟଣା ଉଚ୍ଚ ବିଦ୍ୟାଳୟର କିରାଣିଙ୍କୁ ତିନିଦିନିଆ ଡେପୁଟେସନରେ ଆଣି କାମ ଚଳାଇବା ଭଳି ଅସ୍ଥାୟୀ ନୀତିକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାୟୀ କିରାଣିଙ୍କ ବଦଳି ପରେ ତାଙ୍କ ସ୍ଥାନରେ ଓଥକାସ୍ଥିତ ପିଏମ୍‌ଶ୍ରୀ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର କିରାଣିଙ୍କୁ ବିଇଓ ଅଫିସକୁ ଡେପୁଟେସନରେ ଅଣାଯିବା ପାଇଁ ନିର୍ଦ୍ଦେଶ ହୋଇଛି। ଏହି ନିଷ୍ପତ୍ତିକୁ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ଦୃଢ଼ ବିରୋଧ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ୬୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ବେଳେ ଏହା ଏକ ପରୀକ୍ଷା କେନ୍ଦ୍ର ମଧ୍ୟ ଅଟେ। ପିଏମ୍‌ଶ୍ରୀ ଯୋଜନାରେ ଆସୁଥିବା ଅନୁଦାନ ଓ ଗୁରୁଦାୟିତ୍ୱ ତୁଲାଇବା ପାଇଁ ବିଦ୍ୟାଳୟରେ ଜଣେ କିରାଣି ସବୁ ସମୟରେ ରହିବା ନିତାନ୍ତ ଜରୁରୀ। ସେ ଡେପୁଟେସନରେ ଚାଲିଗଲେ ବିଦ୍ୟାଳୟର ଶିକ୍ଷାଦାନ ଓ ପ୍ରଶାସନିକ କାର୍ଯ୍ୟ ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିବ ବୋଲି ଆଶଙ୍କା କରାଯାଉଛି। ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଖାମଖିଆଲି ଭାବେ ପରିଚାଳନା କରାଯାଉଥିବା ଏବଂ ବେଆଇନ ଭାବେ ଶିକ୍ଷକ ଓ କର୍ମଚାରୀଙ୍କୁ ଡେପୁଟେସନରେ ପଠାଯାଉଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ନିଜର ବଦଳି ଆଦେଶକୁ ବାତିଲ କରି ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିବା ସହ ଅହମ୍ମଦ ବକ୍ସ ବିଦ୍ୟାଳୟର କିରାଣିଙ୍କ ଡେପୁଟେସନ ତୁରନ୍ତ ବାତିଲ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

## ବିଇଓ କାର୍ଯ୍ୟାଳୟ କିରାଣିଙ୍କ ବଦଳି

ଟାଙ୍ଗୀ,୧୬।୪(ସମିସ): ଟାଙ୍ଗୀ ଚୌଦ୍ୱାର ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଦୀର୍ଘ ୧୪ ବର୍ଷ ଧରି କାର୍ଯ୍ୟ କରିଆସୁଥିବା କିରାଣି ତଥା ଜୁନିୟର ଆସିଷ୍ଟାଣ୍ଟ ପ୍ରିୟଦର୍ଶୀ ନାୟକଙ୍କ ବଦଳି ଆଦେଶ ଗୁରୁବାର ହୋଇଥିବା ଜଣାପଡିଛି। ଶ୍ରୀ ନାୟକ ବିଭିନ୍ନ ଅନିୟମିତତା ଓ ସୂଚନା ଅଧିକାର ଆଇନରେ ଭୁଲ ତଥ୍ୟ ଦେବା ବିରୋଧରେ ଅବସରପ୍ରାପ୍ତ ସିଆରସିସି ସୋମେନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଅନେକ ବ୍ୟକ୍ତି ବିଶେଷ ଅଭିଯୋଗ କରିଥିଲେ। ଶେଷରେ ତାଙ୍କୁ ବିଇଓ କାର୍ଯ୍ୟାଳୟରୁ ବଦଳି କରାଯାଇ ବୁଧିମଙ୍ଗଳା ବିଦ୍ୟାପୀଠ କଟକରେ ଅବସ୍ଥାପିତ ହେବା ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଆଦେଶ ହୋଇଥିବା ଜଣାପଡିଛି। ତାଙ୍କ ସ୍ଥାନରେ ସୁବାଶିଷ ଓଝା କାର୍ଯ୍ୟ କରିବେ ବୋଲି ବିଇଓଙ୍କ ଆଦେଶନାମା ପ୍ରକାଶ ପାଇଛି।

## ବିଶ୍ୱ ହୋମିଓପାଥି ଦିବସ ଓ ହ୍ୟାନିମାନଙ୍କ ଜୟନ୍ତୀ

ତିଗିରିଆ,୧୬।୪(ସମିସ): ତିଗିରିଆ ବ୍ଲକର ମାନପୁର ଏବଂ ବଡମ୍ବା ବ୍ଲକର କଙ୍କଡ଼ାଯୋଡ଼ିଠାରେ ଥିବା ୨ଟି ସରକାରୀ ହୋମିଓପାଥିକ୍ ଚିକିତ୍ସାଳୟ ପରିସରରେ ବିଶ୍ୱ ହୋମିଓପାଥି ଦିବସ ପାଳିତ ହୋଇଯାଇଛି। ହୋମିଓପାଥିର ଜନକ ସାମୁଏଲ ହ୍ୟାନିମାନଙ୍କ ୨୭୧ତମ ଜୟନ୍ତୀ ଅବସରରେ ଏହି ଦିବସକୁ ପାଳନ କରାଯାଇଥିଲା। ଚିକିତ୍ସାଳୟର ଅଧିକାରୀ ଡା. ମୌସୁମୀ ଲେଙ୍କାଙ୍କ ତତ୍ତ୍ୱାବଧାନ ଓ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଶ୍ରୀମତୀ ଲେଙ୍କା ନିଜ ଉଦବୋଧନ ଦେଇଥିଲେ। ହୋମିଓପାଥିକ୍ ପ୍ରଚାର ପତ୍ର ବଣ୍ଟନ କରାଯିବା ସହ ଗ୍ରାମବାସୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀଙ୍କୁ ସଚେତନ କରାଯାଇଥିଲା। ମାନପୁରଠାରେ ହୋମିଓ ଚିକିତ୍ସା ସହାୟିକା କୃଷ୍ଣପ୍ରିୟା ମହାପାତ୍ର, ପବିତ୍ର ମୋହନ ମହାପାତ୍ର ଓ ସନ୍ତୋଷ ନାୟକ ଏବଂ କଙ୍କଡ଼ାଯୋଡ଼ିଠାରେ ହୋମିଓପାଥି ସହାୟିକା ସିପ୍ରା ମଲ୍ଲିକ, ଅନୀଲ ବେହେରା ଓ ଗୋବିନ୍ଦ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

